ଭାରତ ସଂଘ ଏବଂ ଅନ୍ୟମାନେ

ବନାମ

ହରିଶ ବାଲକ୍ରିଷ୍ଣ ମହାଜନ

ଅକ୍ଟୋବର 23, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ସେବାର ପରିସମାପ୍ତି—କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାରେ ମାସିକ ଭିତ୍ତିରେ ନିଯୁକ୍ତିପ୍ରାପ୍ତ ଚିକିତ୍ସା ଅଧିକାରୀ—ଲୋକସେବା ଆୟୋଗଙ୍କ ପରାମର୍ଶରେ ନିୟମିତୀକରଣ ନିର୍ଦ୍ଦେଶ ଦେଉଥିବା ନ୍ୟାୟାଧିକରଣ—ଅପିଲରେ ଦର୍ଶାଯାଇଛି : ଏପରି ନିର୍ଦ୍ଦେଶ ସମ୍ବିଧାନର ଅନୁଚ୍ଛେଦ 320ର ଉଲ୍ଲଂଘନ—ତେଣୁ ରଦ୍ଦ କରାଗଲା—ଚୟନ ପାଇଁ ଆବେଦନ କରିବା ପାଇଁ ଉତ୍ତରଦାତା ଉନ୍ମୁକ୍ତ—ଯଦି ଅଧିକ ବୟସର ହୁଅନ୍ତି, ତେବେ ଭାରତ ସଂଘ ଅସ୍ଥାୟୀ ଭାବରେ ପ୍ରଦାନ କରାଯାଇଥିବା ସେବା ଅବଧି ପର୍ଯ୍ୟନ୍ତ ଆବଶ୍ୟକ ବୟସ କୋହଳ ବିଷୟରେ ବିଚାର କରିବେ ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର : ଦେୱାନୀ ଅପିଲ ସଂଖ୍ୟା 14527/1996 ।

ଓ.ଏ. ସଂଖ୍ୟା 790/1989ରେ ବମ୍ବେସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକାରଣଙ୍କ 21.12.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଏନ୍.ଏନ୍. ଗୋସ୍ୱାମୀ, ସୁଶ୍ରୀ ବିନୁ ଟମ୍ଟା ଏବଂ ଭି.କେ. ବର୍ମା ।

ଉତ୍ତରଦାତାଙ୍କ ପାଇଁ ଗୋପାଳ ଜୈନ ଏବଂ ମୁକୁଲ ମୁଦ୍ଗଲ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ଅନୁମତି ମଞ୍ଜୁର କରାଗଲା ।

ଉତ୍ତରଦାତାଙ୍କୁ ଅଗଷ୍ଟ 10, 1982ରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାରେ ମାସିକ ଆଧାରରେ ଜଣେ ଚିକିତ୍ସା ଅଧିକାରୀ ଭାବରେ ଅସ୍ଥାୟୀ ଭାବରେ ନିଯୁକ୍ତି ଦିଆଯାଇଥିଲା ।

ଶ୍ରମିକ ସଂଘ ଭାବରେ ଡାକ୍ତରମାନଙ୍କ ଦୁର୍ଭାଗ୍ୟଜନକ ଧର୍ମଘଟ ସମୟରେ, ନୈତିକ ଏବଂ ଚିକିତ୍ସା ଆଚରଣ ସଂହିତାକୁ ଅଣଦେଖା କରି, ତାଙ୍କୁ ନିଯୁକ୍ତି ଦିଆଯାଇଥିଲା ଏବଂ ଅଗଷ୍ଟ, 1987 ପର୍ଯ୍ୟନ୍ତ ସେ ସେବା ଜାରି ରଖିଥିଲେ । ଯେତେବେଳେ ତାଙ୍କ ସେବାଗୁଡ଼ିକର ସମାପ୍ତ କରାଗଲା, ସେ ନ୍ୟାୟାଧିକରଣଙ୍କୁ ଯାଇଥିଲେ ଏବଂ ଓ.ଏ. ସଂଖ୍ୟା 701/89 ଦାଖଲ କରିଥିଲେ । ନ୍ୟାୟାଧିକରଣ 21.12.1994 ତାରିଖର ଆକ୍ଷେପିତ ଆଦେଶରେ ଅପିଲକାରୀମାନଙ୍କୁ ଲୋକସେବା ଆୟୋଗଙ୍କ ସହ ପରାମର୍ଶ କରି ଉତ୍ତରଦାତାଙ୍କ ସେବା ନିୟମିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ଏହି ବିବାଦ ଏବେ ନିଷ୍ପତ୍ତି ନହୋଇଥିବା ବସ୍ତୁ ହୋଇ ରହିନାହିଁ । ସମାନ ପରିସ୍ଥିତିମାନଙ୍କରେ, ଏହି ନ୍ୟାୟାଳୟ *ଜେ. ଆଣ୍ଡ କେ. ଲୋକସେବା ଆୟୋଗ ଏବଂ ଅନ୍ୟମାନେ, ବନାମ ଡଃ ନରିନ୍ଦର ମୋହନ ଏବଂ ଅନ୍ୟମାନେ* [1994] 2 SCC 630 ରେ ସମ୍ପୂର୍ଣ୍ଣ ବିବାଦକୁ ବିଚାର କରିଥିଲେ । ସ୍ୱୀକାରଯୋଗ୍ୟ, କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାରେ ଡାକ୍ତର ପଦବୀ ସଂଘ ଲୋକସେବା ଆୟୋଗ ମାଧମରେ ନିଯୁକ୍ତି ଦ୍ୱାରା ପୂରଣ କରାଯିବା ଆବଶ୍ୟକ ଅଟେ । ତେଣୁ, ନିୟମିତୀକରଣ ପାଇଁ ଲୋକସେବା ଆୟୋଗଙ୍କ ସହ ପରାମର୍ଶ କରି ଉତ୍ତରଦାତାଙ୍କ ମାମଲା ବିଚାର କରିବାକୁ ନିର୍ଦ୍ଦେଶ ଦେବା, ଭାରତୀୟ ସମ୍ବିଧାନର ବୈଧାନିକ ନିୟମ ଏବଂ ଅନୁଚ୍ଛେଦ 320ର ଉଲ୍ଲଂଘନ ଅଟେ । ଆଇନଗତ ଭାବରେ ଜଣାଶୁଣା ଏକମାତ୍ର ରାସ୍ତା ହେଉଛି ଯେ, ଭାରତୀୟ ସଂଘକୁ ନିଯୁକ୍ତି ବିଷୟରେ ଲୋକସେବା ଆୟୋଗକୁ ସୂଚନା ଦେବାକୁ ପଡ଼ିବ ଏବଂ ସଂଘ ଲୋକସେବା ଆୟୋଗ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କଠାରୁ ଆବେଦନ ଆମନ୍ତ୍ରଣ କରି ପରୀକ୍ଷା ପରିଚାଳନା କରିବେ ଯେଉଁଥିରେ ଉତ୍ତରଦାତାଙ୍କ ଭଳି ବ୍ୟକ୍ତିମାନେ ମଧ ଅନ୍ତର୍ଭୁକ୍ତ ରହିବେ । ନିୟମାବଳୀ ଅନୁଯାୟୀ ଚୟନ ପାଇଁ ଆବେଦନ କରିବା ଏବଂ ଚେଷ୍ଟା କରିବା ଉତ୍ତରଦାତାଙ୍କ ଦାୟିତ୍ୱ ହେବ । ତେଣୁ ଏହି ନିର୍ଦ୍ଦେଶ ସମ୍ବିଧାନର ଅନୁଚ୍ଛେଦ 320ର ଉଲ୍ଲଂଘନ ଅଟେ ।

*ଜେକୋବ ଏମ୍. ପୁଥୁପରାମ୍ବିଲ ବନାମ କେରଳ ଜଳ କର୍ତ୍ତୃପକ୍ଷ,* [1987] Supp. SCC 497 ରେ ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଅଧିବକ୍ତା ଏହି ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଉପରେ ଭରସା କରିବାକୁ ଚାହିଁଲେ । ଏହା ଦେଖାଯାଏ ଯେ, ଲୋକ ସେବା ଆୟୋଗ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେବା ଆବଶ୍ୟକ ଥିଲା ଏବଂ ତେଣୁ, ପରବର୍ତ୍ତୀ ମାମଲାରେ ରେଳ ବିଭାଗରେ କାର୍ଯ୍ୟରତ ଅତିରିକ୍ତ ଡାକ୍ତରୀ ଅଧିକାରୀମାନଙ୍କୁ, ସଂଘ ଲୋକ ସେବା

ଆୟୋଗଙ୍କ ସହ ପରାମର୍ଶ କରି ନିୟମିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ଦେଖାଯିବ ଯେ, ଯେତେବେଳେ ସମ୍ବିଧାନର ଅନୁଚ୍ଛେଦ 320 ଅନୁଯାୟୀ ପ୍ରଣୀତ ସାମ୍ବିଧାନିକ ନିୟମାବଳୀ ଅନୁଯାୟୀ ଲୋକ ସେବା ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ନିଯୁକ୍ତି କରାଯିବା କଥା, ଯେତେବେଳେ ଅପରିହାର୍ଯ୍ୟ ଭାବରେ, ନିଯୁକ୍ତି ସେହି ପଦ୍ଧତିରେ କରାଯିବା ଆବଶ୍ୟକ ଏବଂ ଅନ୍ୟ କୌଣସି ଉପାୟରେ ନୁହେଁ । ତେଣୁ, ଏହି ନ୍ୟାୟାଳୟ ସେମାନଙ୍କ ସେବା ନିୟମିତ କରିବାରେ ଉପରୋକ୍ତ ପ୍ରକ୍ରିୟାକୁ ଏଡ଼ାଇ ଦେବାକୁ ଚାହୁଁ ନଥିଲେ । ଏହି ନ୍ୟାୟାଳୟ, ସମାନ ପରିସ୍ଥିତିମାନଙ୍କରେ, *ଭାରତ ସଂଘ ବନାମ ଡଃ ଅରୁଣ କୁମାର ଶର୍ମା,* [ସିଏ ସଂଖ୍ୟା 4876/94]ରେ ସମାନ ପ୍ରଶ୍ନ ଉପରେ ବିଚାର କରିଥିଲେ ।

ସେହି ଦୃଷ୍ଟିକୋଣରୁ, ଅପିଲକୁ ଅନୁମତି ଦିଆଯାଇଛି । ନ୍ୟାୟାଧିକରଣଙ୍କ ଆଦେଶ ରଦ୍ଦ କରିଦିଆଯାଇଛି । ଚୟନ ପାଇଁ ଆବେଦନ କରିବା ଉତ୍ତରଦାତାଙ୍କ ପାଇଁ ଉନ୍ମୁକ୍ତ ରହିବ । ଯଦି ସେ ବୟସ ଅନୁଯାୟୀ ବାରଣ ହେଲେ, ତେବେ ଏହା ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ ଯେ, ସେ ଅସ୍ଥାୟୀ ଭିତ୍ତିରେ ପାଇଥିବା ସେବା ଅବଧିର ସୀମା ପର୍ଯ୍ୟନ୍ତ ବୟସକୁ ଆବଶ୍ୟକ ଅନୁଯାୟୀ କୋହଳ କରିବାକୁ ଭାରତ ସଂଘ ବିଚାର କରିବ । ବିନା ଖର୍ଚ୍ଚରେ ।

ଜି.ଏନ୍.                                                  ଅପିଲକୁ ଅନୁମତି ଦିଆଯାଇଛି ।

—— ○ ——

<u>ଅସ୍ୱୀକରଣ:</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

<u>ଅନୁବାଦକ</u>

ଯୋଗେଶ୍ୱର ହୋତା

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।